## ରାଜଭବନ ସାମ୍ନାରେ ସିଭିଲ୍ ସୋସାଇଟି ଗଣଧାରଣ

# ସଂଶୋଧିତ ଓଡିଶା ପୁଲିସ୍ ଆଇନ ଆଣିବାକୁ ଦାବି

ପ୍ରସ୍ତାବିତ ଓଡିଶା ପୁଲିସ୍ ବିଲ୍ – ୨୦୧୫ର ଅନେକ ଧାରା ଓ ଉପଧାରାରେ ସଂଶୋଧନର ଆବଶ୍ୟକତା ରହିଛି । ତେଣୁ ଏହାକୁ ରାଜ୍ୟପାଳ ୨୦୧୫ ମସିହାରେ ଏହାକୁ ପୁନଃବିଚାର ପାଇଁ ପଠାଇଦେଇଥିଲେ । କିନ୍ତୁ ସରକାର ଏହାକୁ ଆଉ ବିଧାନସଭାରେ ଆଲୋଚନା ପାଇଁ ନଆଣି ପକାଇ ରଖିଛନ୍ତି । ତେଣୁ ଏହି ଆବଶ୍ୟକ ସଂଶୋଧନ ସହ ସରକାର ଏହାକୁ ବିଧାନସଭାରେ ଆଲୋଚନା ପାଇଁ ଆଗତ କରନ୍ତୁ ବୋଲି ସମାଜକର୍ମୀ ଦାବି କରିଛନ୍ତି । ବିଭିନ୍ନ ସିଭିଲ୍ ସୋସାଇଟି ଗ୍ରୁପ ପକ୍ଷରୁ ଶନିବାର ଦିନ ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ଦିଆଯାଇଛି ।

ଏଠାରେ ପ୍ରକାଶଯୋଗ୍ୟ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ ପୁଲିସ୍ ଆଇନ କରାଯାଉଛି । କିନ୍ତୁ ୨୦୧୫ରେ ଆସିଥିବା ବିଲରେ ଅନେକ ସ୍ଥାନରେ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବକୁ ସରକାର ପାଳନ କରିନାହାନ୍ତି ।  ସୁପ୍ରିମକୋର୍ଟ କହିଥିଲେ ଯେ କେନ୍ଦ୍ର ଲୋକସେବା ଆୟୋଗ ଦ୍ୱାରା ମନୋନୀତ ତିନି ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ମଧ୍ୟରୁ ହିଁ ପୁଲିସ୍ ଡି.ଜି. ମନୋନୀତ ହେବା ଉଚିତ୍ । କିନ୍ତୁ ଓଡିଶା ପୁଲିସ୍ ବିଲ୍‌ରେ ଏହି ବ୍ୟବସ୍ଥା ନରଖି ରାଜ୍ୟ ସରକାର ପୁଲିସ୍ ମୁଖ୍ୟଙ୍କୁ ନିଯୁକ୍ତି କରିବେ ବୋଲି କୁହାଯାଇଛି । ସେହିପରି ‘ପୁଲିସ୍ ସୁରକ୍ଷା କମିସନ’ ବ୍ୟବସ୍ଥାରେ ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଠିକ୍‌ରେ ପାଳନ କରାଯାଇନାହିଁ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଖ୍ୟମନ୍ତ୍ରୀ କିମ୍ବା ଗୃହମନ୍ତ୍ରୀ ଏହି କମିସନର ମୁଖ୍ୟ ହେବେ । ଏଥିରେ ବିରୋଧୀ ଦଳ ନେତା ସଦସ୍ୟ ଭାବରେ ଓ ପୁଲିସ୍ ଡି.ଜି. ଏକ୍ସ ଅଫିସିଓ ସଚିବ ଭାବେ ରହିବେ । କିନ୍ତୁ ଓଡିଶା ପୁଲିସ୍ ବିଲ୍‌ରେ କମିସନର ସଦସ୍ୟ ଭାବେ ବିରୋଧୀ ଦଳ ନେତାଙ୍କୁ ରଖାଯାଇନାହିଁ । ସେହିପରି କୋର୍ଟ କହିଥିଲେ ଏଥିରେ ୩ରୁ ୫ ଜଣ ସ୍ୱାଧୀନ ସଦସ୍ୟ ରହିବେ । ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ମାନବାଧିକାର କମିଶନରୁ ଜଣେ ଓ ଲୋକସେବା ଆୟୋଗରୁ ଜଣେ ଲେଖାଁଏ ସହସ୍ୟଙ୍କୁ ନେଇ ଏକ କମିଟି ଏହି ସ୍ୱାଧୀନ ସଦସ୍ୟଙ୍କୁ ମନୋନୀତ ହେବା କଥା । କିନ୍ତୁ ଓଡିଶା ପୁଲିସ୍ ବିଲ୍‌ରେ କେବଳ ଦୁଇଜଣ ସ୍ୱାଧୀନ ବ୍ୟକ୍ତିଙ୍କୁ ସରକାର ସଦସ୍ୟ ଭାବେ ମନୋନୀତ କରିବେ ବୋଲି ବ୍ୟବସ୍ଥା ରହିଛି । ଯାହା ଫଳରେ ଏହି କମିଟି ସ୍ୱାଧୀନ ଭାବରେ କାମ କରିପାରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ପୁଣି ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ “ପୋଲିସ୍ କମ୍ପ୍ଲେଣ୍ଟ୍ ଅଥରିଟି” ରାଜ୍ୟ ସ୍ତରରେ ଓ ପ୍ରତ୍ୟେକ ଜିଲ୍ଲାସ୍ତରରେ ଗଠନ ହେବା କଥା । କିନ୍ତୁ ପ୍ରସ୍ତାବିତ ବିଲ୍‌ରେ କେବଳ ରାଜ୍ୟ ସ୍ତରରେ “ପୋଲିସ୍ କମ୍ପ୍ଲେଣ୍ଟ୍ ଅଥରିଟି” ରଖାଯାଇଛି । ଜିଲ୍ଲା ସ୍ତରରେ ରଖାଯାଇନାହିଁ । ଯାହା ଫଳରେ ରାଜଧାନୀ ଠାରୁ ଦୂରରେ ରହୁଥିବା ଲୋକ ଅଥରିଟି ଠାରୁ ନ୍ୟାୟ ପାଇବାରେ ଘୋର ଅସୁବିଧା ଭୋଗିବେ । ପୁଣି ରାଜ୍ୟ ସ୍ତରରେ ଅଥରିଟିର ଅଧ୍ୟକ୍ଷ ହାଇକୋର୍ଟର ଜଣେ ଅବସର ପ୍ରାପ୍ତ ଜଜ୍ ରହିବେ ବୋଲି ସୁପ୍ରିମକୋର୍ଟ କହିଥିଲେ । କିନ୍ତୁ ଏହି ବିଲ୍‌ରେ ଅଧ୍ୟକ୍ଷ କିଏ ହେବ କିଛି ଲେଖାଯାଇନାହିଁ । ଏହି ବିଲ୍‌ରେ ଉପଧାରା ୫୧(୩)ରେ ଜନସ୍ୱାର୍ଥ ଆଳରେ ଜନସମାବେଶ ଓ ଶୋଭାଯାତ୍ରାକୁ ବାରଣ କରିବା ଲାଗି ପୁଲିସ୍‌କୁ କ୍ଷମତା ଦେବା ମୌଳିକ ଅଧିକାରକୁ ଉଲଂଘନ କରୁଛି  । ଧାରା ୬୩(୧)  ମାମୁଲି ଅପରାଧ ପାଇଁ ଗିରଫ ବ୍ୟବସ୍ଥା ଅତି ସାଂଘାତିକ । କାରଣ ଏହା ବ୍ରିଟିଶ ଅମଳର ଆଇନରେ ଥିଲା । ସେହିପରି ଉପଧାରା ୬୩(୭) ବିନା ପରୱାନାରେ ଅଭିଯୁକ୍ତଙ୍କୁ ହାଜତକୁ ନେବାର କ୍ଷମତା ଦେବାଫଳରେ ମାନବାଧିକାର ସୁରକ୍ଷା ବଦଳରେ ଉଲଂଘନ ହେବ । ଏହିଲ ଧାରା ଗୁଡିକୁ ବିଲ୍‌ରୁ ବାଦ୍ ଦିଆଯିବା ଆବଶ୍ୟକ । ଏମିତି ଆଉ କିଛି ଧାରାରେ ମଧ୍ୟ ସଂଶୋଧନର ଆବଶ୍ୟକତା ରହିଛି । ଏହି ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ, ପ୍ରଫୁଲ ସାମନ୍ତରା, ବିଶ୍ୱପ୍ରୀୟ କାନୁନଗୋ, ଧିରେନ୍ଦ୍ର ପଣ୍ଡା, ନରେନ୍ଦ୍ର ମହାନ୍ତି, ପ୍ରଦୀପ୍ତ ନାୟକ, ପ୍ରଦୀପ ପ୍ରଧାନ, ଭଜମନ ବିଶ୍ୱାଳ, ସଂଗ୍ରାମ ମଲ୍ଲିକ, ସଚ୍ଚିକାନ୍ତ ପ୍ରଧାନ, ଚନ୍ଦ୍ରନାଥ ଦାନୀ, ଶ୍ରୀ ଅଖଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।